DR. SUSANT KUMAR SAHOO



# Dr. Susant kumar Sahoo

**Son of Bharat Charan Sahoo**


Qualification : M.Sc., Ph.D

Date of Birth : 10/05/1969

Mobile : 93373397510

Email : sjhct@yahoo.com


## Address

**Permanet Address**

At/Po : Nairi

Block : Chilika

Dist : Khurda

P.S : Nachuni

Constituency : Chilika

**Present Address**

Hig - 24/2, Housing Board Colony, Phase-1

Chandrashekharpur, BBSR-16

Occupation : Business

## Social Work

Founder Member, Shree Jagannatha Katha Lahari, Bhubaneswar (State Level)

Vice President, Astam Rajya Tailika Baisya Sadhab Samaj (District Level)

President, Shree Jagannatha Samanwaya Parisada, Chilika & Banpur (Constituency Level)

President, Shree Jagannatha Lilakhetra Trust, Kankanshikhari, Chilika (Block Level)

President, Chilka Anchalika Bikash Parishad, Chilika (Block Level)

## Awards Honoured

| | | |
|---|---|---|
| Shree Puruswattama Sanman | - | 2017 |
| Shree Jagannatha Chetana Sanman | - | 2017 |
| Shree Gundicha Prabandika Sanman | - | 2017 |
| Pabitra Gyana Sanman | - | 2018 |
| Shree Jagannatha Lilakhetra Pracharaka Sanman | - | 2018 |
| Shree Jagannatha Surakhya Sanman | - | 2018 |
| Prativa Sanman | - | 2018 |
| Chandrasekharpur Gouraba Sanman | - | 2019 |
| Shree Jagannatha Sanman (Bata Shree Khetra) | - | 2022 |

## Publication

**Chief Editor - Shree Jagannath LilaMadhuri Magazine**
**32 artcles in various Newspapers & Magazine**

## Documentary

**Heritage of Lord Jagannatha in 1731 ad**

## Family

Wife Ritarani Sahoo (House Wife)

Daughters: SR Sai Laxmi & SR Sai Jyoti

# Founder of Shree Jagannatha Lilakhetra Kankankasekhiri, Chilika
## A Spiritual Tourist Place, Chilika





# State Level Organization

## FOUNDER MEMBER OF SHREE JAGANNATH KATHA LAHARI, BHUBANESWAR

## ୧୦ମ ଶ୍ରୀଜଗନ୍ନାଥ କଥାଲହରୀ

### 'ଶ୍ରୀଜଗନ୍ନାଥ ଲୀଳା ମାଧୁରୀ' ପତ୍ରିକା ଲୋକାର୍ପିତ



ଭୁବନେଶ୍ୱର,(ବ୍ୟୁରୋ): [illegible] 'ଶ୍ରୀଜଗନ୍ନାଥ ଲୀଳା ମାଧୁରୀ' ପତ୍ରିକା ଲୋକାର୍ପିତ ହୋଇଥିଲା।





# District Level Organization

## VICE PRESIDENT, ASTAM RAJYA TAILIKA BAISYA SADHAB SAMAJ, KHORDHA



### ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ମହାସଭା



### ତୈଳିକ ବୈଶ୍ୟ ସାଧବ ସମାଜର ମହାସଭା





### ରାଜ୍ୟ ତୈଳିକବୈଶ୍ୟ ସାଧବ ସମାଜର ମହାସଭା



# Constituency Level Organization

## PRESIDENT, SHREE JAGANNATHA SAMANWAYA PARISADA, CHILIKA & BANPUR

ପ୍ରମେୟ

KHORDA 22 Feb, 2024

ଶ୍ରୀଜଗନ୍ନାଥ ମନ୍ଦିର ସମନ୍ୱୟ ପରିଷଦ ସମ୍ମିଳନୀ

### ଜଗନ୍ନାଥ ସଂସ୍କୃତି ସୁରକ୍ଷାକୁ ଗୁରୁତ୍ୱ




### ଶ୍ରୀଜଗନ୍ନାଥ ମନ୍ଦିର ସମନ୍ୱୟ ପରିଷଦ ଗଠିତ



ହଟ୍ ନିଉଜ୍

The Hot news24

### ବାଣପୁର ଚିଲିକା ମଣ୍ଡଳ ଶ୍ରୀଜଗନ୍ନାଥ ମନ୍ଦିର ସମନ୍ୱୟ ପରିଷଦ ଗଠିତ



HOT NEWS24

www.hotnews24

Kalinga Focus

RNI-OD/OD/08160

ଖୋର୍ଦ୍ଧା



### ବାଣପୁର ଓ ଚିଲିକା ମଣ୍ଡଳର ସମସ୍ତ ଜଗନ୍ନାଥ ମନ୍ଦିରର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଭାଟପଡ଼ାଠାରେ ଶ୍ରୀଜଗନ୍ନାଥ ମନ୍ଦିର ସମନ୍ୱୟ ପରିଷଦ ଗଠିତ

# ଶ୍ରୀଜଗନ୍ନାଥ ମନ୍ଦିର ସମନ୍ୱୟ ପରିଷଦ ଗଠିତ

ବାଣପୁର, ୨୧।୨(ସମିସ)

ଏହାର ଅଞ୍ଚଳର ବିଭିନ୍ନ ଜଗନ୍ନାଥ ମନ୍ଦିରର ସୁରକ୍ଷା ସହିତ ଜଗନ୍ନାଥ ଧର୍ମ, ଐତିହ୍ୟ, ସଂସ୍କୃତି, ଚେତନାର ପ୍ରଚାର ପ୍ରସାରର ଲକ୍ଷ୍ୟ ରଖି କାଳିଣ ଶିଖରା ଜୀବାକ୍ଷେତ୍ର ସ୍ଥଳର ମୁଖ୍ୟ ଡା. ସୁଶାନ୍ତ କୁମାର ସାହୁଙ୍କ ଅବାଦକତ୍ୱ ଏବଂ ଭାଟପଡ଼ା ଗଡ଼ ବଳଦେହେରା ମାନବେନ୍ଦ୍ର ମହାରଥୀଙ୍କ ସଭାପତିତ୍ୱରେ ପ୍ରଥମ ଥର ପାଇଁ ବାଣପୁର ଭଟପଡ଼ା ଗଡ଼ ଠାକୁର ବଧୂବାମନ ବାବଙ୍କ ମନ୍ଦିର ପରିସରରେ ଆୟୋଜିତ ସମ୍ମିଳନୀରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଓ ଚିଲିକା ମଣ୍ଡଳସ୍ଥିତ ସମସ୍ତ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ପ୍ରମୁଖ ପ୍ରତିନିଧିମାନଙ୍କୁ ନେଇ 'ଶ୍ରୀ ଜଗନ୍ନାଥ ମନ୍ଦିର ସମନ୍ୱୟ ପରିଷଦ' ଗଠିତ ହୋଇଯାଇଛି। ଶ୍ରୀ ଦକ୍ଷେଶ୍ୱର ଭଗବତୀ ଦେବୋତ୍ତର କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଜମୁକୁନ୍ଦ ଦାସଙ୍କ ପରିଚାଳନାରେ ଆୟୋଜିତ ଏହି ସମ୍ମିଳନୀରେ ଉଭୟ ମଣ୍ଡଳସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ପ୍ରମୁଖ ମାନେ ଯୋଗ ଦେଇ ନିଜ ନିଜ ଅଞ୍ଚଳରେ ଥିବା ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଥିଲେ। ନବଗଠିତ ସମନ୍ୱୟ ପରିଷଦ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାଗୁଡ଼ିକର ଆଶୁ ପ୍ରତିକାର କରାଯାଇ ପାରିବ ବୋଲି ସମ୍ମିଳନୀରେ ମତପ୍ରକାଶ ପାଇଥିଲା। ନବଗଠିତ ଏହି ପରିଷଦରେ ସଭାପତି ଭାବେ ଡା. ସୁଶାନ୍ତ କୁମାର ସାହୁ, ଉପସଭାପତି ଭାବେ ଦାଶରଥି ସାହୁ ଓ ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ଭାବେ ବାଜମୁକୁନ୍ଦ ଦାସ, କୋଷାଧ୍ୟକ୍ଷ ଭାବେ ସତ୍ୟେନ୍ଦ୍ର କୁମାର ସାହିଁ, ସହ କୋଷାଧ୍ୟକ୍ଷ ଭାବେ ବିଭୁଧେନ୍ଦୁ କେଶରୀ ଭୋଇ ଓ ଉପଦେଷ୍ଟା ଭାବେ ମାନବେନ୍ଦ୍ର ମହାରଥୀ, ନୃସିଂହ ପ୍ରସାଦ ମିଶ୍ର, ବାବା ପଦ୍ମପାଦ ଦାସ, ହରିବନ୍ଧୁ ପଟ୍ଟନାୟକ, ଗୌରୀ ଶଙ୍କର ରଥ ଶର୍ମା, ସୁରେନ୍ଦ୍ର ନାଥ ଭଗଦେବ ଓ ମଧୁସୂଦନ ସେନାପତି ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ପ୍ରଦୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# Block Level Organization

## PRESIDENT, CHILIKA ANCHALIKA BIKASH PARISHADA, CHILIKA BLOCK

**ପୁରୀ-ଖୋର୍ଦ୍ଧା-ନୟାଗଡ଼ ସମାଚାର**

ସମ୍ବାଦ 96 YEARS OF EXCELLENCE 1919-2015

### 'ଚିଲିକା ଆଞ୍ଚଳିକ ବିକାଶ ପରିଷଦ' ଗଠିତ

ନାରୁଣୀ,୧।୧୧-ପ୍ରାକୃତିକ ସଂପଦ ଓ ଐତିହ୍ୟ ପରିପୂର୍ଣ୍ଣ ଚିଲିକା ଅଞ୍ଚଳର ଦଳିତ ଜନସାଧାରଣଙ୍କର ବହୁବିଧ ସମସ୍ୟାର ନିରାକରଣ ଓ ସମାଧାନ ପାଇଁ ଏକ ବିକଳ୍ପ ଅଣରାଜନୈତିକ ସାମାଜିକ ସଂଗଠନ 'ଚିଲିକା ଆଞ୍ଚଳିକ ବିକାଶ ପରିଷଦ' ଗଠିତ ହୋଇଛି। ଚିଲିକା ବ୍ଲକ୍ କାର୍ଯ୍ୟାଳୟ ନିକଟସ୍ଥ ମା' ବରୁଣେଇ ଦେବୀଙ୍କ ପୀଠରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ଆଇନଜୀବୀ, ଶିକ୍ଷାବିତଙ୍କ ସମାବେଶରେ ଏହା ଗଠନ କରାଯାଇଛି। ବରିଷ୍ଠ ସାମ୍ବାଦିକ ଭିକାରୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ପରିଷଦ ଗଠନ ପାଇଁ ଆସିଥିବା ପ୍ରସ୍ତାବ ଉପରେ 'ଚିଲିକା ଆଞ୍ଚଳିକ ବିକାଶ ପରିଷଦ' ନାମରେ ନାମିତ ଏହି ସଂଗଠନର କର୍ମକର୍ତ୍ତା ଚୟନ କରାଯାଇଥିଲା। ସୁଶାନ୍ତ କୁମାର ସାହୁ ସଭାପତି, ଉପସଭାପତି-ସୁମନ୍ତ କୁମାର ପଟ୍ଟନାୟକ ବଳଭଦ୍ରଦାସ, ଶୁଭେନ୍ଦୁ ରାଉତରାୟ, ରମେନ୍ଦ୍ର ଖୁଣ୍ଟିଆ, ପ୍ରମୋଦ ଦାସ, ସାଧାରଣ ସଂପାଦକ ଗୋଦାବରୀଶ ବିଶ୍ୱାଳ, ସଂଗଠନ ସଂପାଦକ ଅରୁଣ ଦାଶ, ସୁଧାକର ବାରିକ, ମନୋଜ ମୋହନ ବରାଳ, ଅନ୍ତର୍ଯ୍ୟାମୀ ସାହୁ, କୋଷାଧ୍ୟକ୍ଷ ଜୟକୃଷ୍ଣ ମିଶ୍ର, ଉପଦେଷ୍ଟା ପ୍ରଦୀପ କୁମାର ନନ୍ଦ, ଭିକାରୀ ଚରଣ ପ୍ରଧାନ, ଅଶ୍ୱିନୀ କୁମାର ମହାପାତ୍ର, ପ୍ରଦୋଷ କୁମାର ଦାସ ପ୍ରମୁଖ ସଭ୍ୟଭାବେ ଚିତ୍ରସେନ ସାହୁ, ପଙ୍କଜ ବେହେରା ପ୍ରମୁଖ ମନୋନୀତ ହୋଇଥିଲେ। ପ୍ରାରମ୍ଭରେ ସମାଜସେବୀ ପ୍ରମୋଦ କୁମାର ଦାସ ଏବଂ ଶୁଭେନ୍ଦୁ ରାଉତରାୟ ସଂଗଠନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିବାବେଳେ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ସଂଗଠନର ଗଠନ ଉପରେ ଆଇନଗତ ପରାମର୍ଶ ଓ ସୂଚନା ପ୍ରଦାନ କରିଥିଲେ।



# FINANCIAL HELP









# FINANCIAL HELP

## ମୃତ ମତ୍ସ୍ୟଜୀବୀଙ୍କ ପରିବାରକୁ ଆର୍ଥିକ ସହାୟତା



ନାଲୁଣୀ, ୩୧/୧ (ଇମିସ): ଶ୍ରୀ ଜଗନ୍ନାଥ ଲୀଳା କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ଅକାଳରେ ମୃତ୍ୟୁବରଣ କରିଥିବା ଚିଲିକା ବ୍ଲକ୍ ନଣ୍ଡରୀ ଗ୍ରାମ ଗଙ୍ଗାଯମୁନା ସାହିର ମତ୍ସ୍ୟଜୀବୀ ମାନିଆ ବେହେରାଙ୍କ ଅସହାୟ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ଉପଦେଷ୍ଟା ସଭ୍ୟ ଡ.ସୁଶାନ୍ତ କୁମାର ସାହୁଙ୍କ ସହ ବରିଷ୍ଠ ସଭ୍ୟ ହାଡୁବନ୍ଧୁ ପଟ୍ଟନାୟକ ଓ ଅନ୍ୟାନ୍ୟ ସଭ୍ୟମାନେ ମୃତ ମାନିଆଙ୍କ ଘରକୁ ଯାଇ ଟ୍ରଷ୍ଟ ମାଧ୍ୟମରେ ଶୁଭେଚ୍ଛୁ ଓ ଦାତାମାନେ ପଠାଇଥିବା ୨୦ ହଜାର ଟଙ୍କା ତାଙ୍କ ପରିବାରକୁ ଦେଇଥିଲେ। ସୂଚନାଯୋଗ୍ୟ ଯେ ଯୁବ ମତ୍ସ୍ୟଜୀବୀ ମାନିଆ ଚିଲିକାକୁ ମାଛ ମାରିବାକୁ ଯାଇଥିଲା ବେଳେ କୌଣସି କାରଣରୁ ତାଙ୍କର ମୃତ୍ୟୁବରଣ ହୋଇଥିଲା। ଡଙ୍ଗାରେ ପଡ଼ିଥିବା ତାଙ୍କ ମୃତଦେହକୁ ଅନ୍ୟମତ୍ସ୍ୟଜୀବୀମାନେ ଠାବ ଓ ଉଦ୍ଧାର କରିଥିଲେ। ମୃତ ମାନିଆ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ସେ ଚାଲିଯିବା ପରେ ବିଧବା ପତ୍ନୀ ଏବଂ ତିନିଟି ଛୋଟ ପିଲାଙ୍କ ସହ ବୃଦ୍ଧ ବିଧବା ମା' ବେସାହାରା ହୋଇଯାଇଛନ୍ତି।









# COVID AWARENESS WITH MASK AND MEDICINE DISTRIBUTION TO PUBLIC

**ସମ୍ବାଦ**

ଭୁବନେଶ୍ୱର ୩୦ ଅକ୍ଟୋବର, ୨୦୨୦

## କରୋନା ସଚେତନତା ସହ ମାସ୍କ, ଔଷଧ ବଣ୍ଟନ

ନାଚୁଣୀ,୨୯/୧୦(ଇମିସ): ଚିଲିକା ବ୍ଲକର ନଣରୀ ସଂଲଗ୍ନ ଚିଲିକା ଜଳରାଶି ମଧ୍ୟସ୍ଥ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର କାଙ୍ଗଣଶିଖରୀ ପୀଠ ତଥା ନଣରୀର ଶ୍ରୀ ହରିହରେଶ୍ୱର ପୀଠ ସମ୍ମୁଖରେ ଶ୍ରୀ ଜଗନ୍ନାଥ ଲୀଳାକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ. ସୁଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସିଏଫ୍ ବିନୋଦ କୁମାର ଆଚାର୍ଯ୍ୟ, ତାଙ୍କ ଧର୍ମପତ୍ନୀ ପ୍ରଶାନ୍ତି ଆଚାର୍ଯ୍ୟ, ସମାଜସେବୀ ରୀତାରାଣୀ ସାହୁ, ଶ୍ରୀ ଜଗନ୍ନାଥ ଲୀଳା କ୍ଷେତ୍ର କାଙ୍ଗଣ ଶିଖରୀ ଐତିହ୍ୟ ପୀଠର ସଂପାଦକ ପ୍ରଦୋଷ କୁମାର ଦାସ ଯୋଗ ଦେଇ ସାମାଜିକ ଦୂରତା ଅବଲମ୍ବନ ସହ ସ୍ଥାନୀୟ ଜନସାଧାରଣଙ୍କୁ କରୋନା ସଚେତନ କରାଇଥିଲେ। ଏହି ଅବସରରେ ଉପସ୍ଥିତ ଲୋକମାନଙ୍କୁ ମାସ୍କ ଓ ହୋମିଓପ୍ୟାଥିକ୍ ଔଷଧ ବଣ୍ଟନ କରାଯାଇଥିଲା।





# INVITATION
# SHREE MANDIRA PARIKRAMA PAKALPA














# SOCIAL WORK

ପାନୀୟ ଜଳଯୋଗାଣ ଦାବି

## ବ୍ଲକ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀଙ୍କ ଧାରଣା



ନାରୁଣୀ/ଟାଙ୍ଗୀ, ୨୪।୫(ଇମିସ): ଗ୍ରାମକୁ ପାନୀୟ ଜଳ ଯୋଗାଣ ଦାବିରେ ଆଜି ହାଟବରଡ଼ିହ ପଞ୍ଚାୟତର ତରାପି ଗ୍ରାମବାସୀ ଚିଲିକା ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସକାଳେ ଗରା, ମାଠିଆ ଓ ବିଭିନ୍ନ ପ୍ଲାକାର୍ଡ, ବ୍ୟାନର ଧରି ଗ୍ରାମର ବହୁ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ଚିଲିକା ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମକୁ ପାଣି ଯୋଗାଣ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବା ପର୍ଯ୍ୟନ୍ତ ସେମାନେ ଧାରଣା ଜାରି ରଖିବେ ବୋଲି ଚେତାବନୀ ଦେଇଥିଲେ। ଗ୍ରାମବାସୀଙ୍କ ଏହି ଦାବିକୁ ସମର୍ଥନ ଜଣାଇ 'ଚିଲିକା ଆଞ୍ଚଳିକ ବିକାଶ ପରିଷଦ' ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆହ୍ୱାନ'ର ସଭ୍ୟ, କର୍ମକର୍ତ୍ତାମାନେ ମଧ୍ୟ ଧାରଣାରେ ସାମିଲ ହୋଇଥିଲେ।

ଗ୍ରାମବାସୀଙ୍କ ପ୍ରତିନିଧିତ୍ୱ କରୁଥିବା ସୁଦାମ ବିଶ୍ୱାଳ, ପଞ୍ଚାନନ ବେହେରା, ବିଜୟ ସୁନ୍ଦରାୟ, ଗୋପାଳ ଶ୍ରୀଚନ୍ଦନ, ସିଦ୍ଧାର୍ଥ ଶଙ୍କର ପାତ୍ରଙ୍କ ସହ ସାମାଜିକ କର୍ମୀ ନଳିନୀ ରଂଜନ ପତି, ନାରୀନେତ୍ରୀ ଶାନ୍ତିଲତା ଭାରତରାୟ, ଚିଲିକା ଆଞ୍ଚଳିକ ବିକାଶ ପରିଷଦର ସଭାପତି ଡ. ସୁଶାନ୍ତ କୁମାର ସାହୁ ପ୍ରମୁଖ ଏହି ଦାବି ସଂପର୍କିତ ଏକ ସ୍ମାରକପତ୍ର ଚିଲିକା ଗ୍ରାମ୍ୟ ଜଳଯୋଗାଣ ବିଭାଗର ଜେଇ-୨ ସୁଚିତ୍ରା ସେନ୍ ଓ ହାଟବରଡ଼ିହ ସରପଞ୍ଚ ବସନ୍ତ କୁମାର ସାହୁଙ୍କୁ ପ୍ରଦାନ କରିଥିଲେ।

୫ ବର୍ଷ ହେଲା ଅଚଳ ହୋଇ ପଡ଼ିଥିବା ତରାପି ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ପୁନଃ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କରରେ ଗ୍ରାମବାସୀଙ୍କୁ ଜଳଯୋଗାଇ ଦିଆଯିବ ବୋଲି ବିଭାଗୀୟ ଜେଇ ଓ ସରପଞ୍ଚ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଚିଲିକା ଆଞ୍ଚଳିକ ବିକାଶ ପରିଷଦ ବୈଠକ

## ଗଙ୍ଗାଧରପୁର ଷ୍ଟେସନ ଉନ୍ନତିକରଣ ଉପରେ ଗୁରୁତ୍ୱ



ହରିପୁର ଶାସନ(ଚିଲିକା),୩।୯(ନି ପ୍ର): ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ସମ୍ମୁଖରେ ଥିବା ଆରାଧ ଠାକୁରାଣୀ ମା' ବନ୍ଦୁଣେଇ ଠାକୁରାଣୀଙ୍କ ପବିତ୍ର ପୀଠରେ ରବିବାର ଅପରାହ୍ନ ୪ଟା ସମୟରେ ଚିଲିକା ଆଞ୍ଚଳିକ ବିକାଶ ପରିଷଦର ଏକ ଜରୁରୀ ବୈଠକ ଅନୁଷ୍ଠିତ କରାଯାଇଥିଲା। ଚିଲିକା ଆଞ୍ଚଳିକ ବିକାଶ ପରିଷଦର ସମ୍ପାଦକ ଗୋଦାବରୀଶ ପ୍ରଧାନଙ୍କ ଆବାହକତ୍ୱରେ ତଥା ସଭାପତି ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରେଳ ବିକାଶ ସହିତ ସ୍ୱାସ୍ଥ୍ୟ, ଗମନାଗମନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଗତ ଦିନରେ ଚିଲିକା ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଅବହେଳିତ ଗଙ୍ଗାଧରପୁର ଷ୍ଟେସନର ବିକାଶ ସହିତ ଦ୍ରୁତଗାମୀ ଟ୍ରେନ ରହଣି ନିମନ୍ତେ ଦାବି ରଖାଯାଇଥିଲା। ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଗତ ମାସ ୨୬ତାରିଖରେ ଭାରତୀୟ ପର୍ଯ୍ୟଟନ ଉନ୍ନୟନ ବିଭାଗ ଅଧ୍ୟକ୍ଷ ଡ. ସମ୍ବିତ ପାତ୍ର ଓ କୋଚିନ ସିପୟାର୍ଡ ନିର୍ଦ୍ଦେଶକ ପ୍ରଧୀରାଜ ହରିଚନ୍ଦନ ଯୋଗ ଦେଇଥିଲେ। ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଡ. ପାତ୍ର ଓ ଶ୍ରୀ ହରିଚନ୍ଦନଙ୍କୁ ଗଙ୍ଗାଧରପୁର ରେଳ ଷ୍ଟେସନର ସମ୍ପୂର୍ଣ୍ଣ ରୂପରେଖ ପରିଦର୍ଶନ କରେଇଦେବା ସହିତ ଦୁଇ, ତିନି ଓ ଚାରି ନମ୍ବର ପ୍ଲାଟଫର୍ମର ଦୟନୀୟ ସ୍ଥିତି ଦେଖାଇଥିଲେ। ଆଜିର ବୈଠକରେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହିତ ଟେଲିଫୋନ ମାଧ୍ୟମରେ ଡ.ପାତ୍ରଙ୍କ ସହିତ ଆଲୋଚନା କରାଯାଇ ଡିଆରଏମ ପରିଦର୍ଶନ ଉପରେ କଥୋପକଥନ କରାଯାଇଥିଲା। ତତସହିତ ଅଞ୍ଚଳର ସ୍ୱାସ୍ଥ୍ୟ ସେବା ଉପରେ ଆଲୋଚନା ସହିତ ନଣରୀ ଓ ସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରରେ କିଭଳି ଲୋକମାନେ ଅଧିକରୁ ଅଧିକ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଗଙ୍ଗାଧରପୁର ଷ୍ଟେସନକୁ ଯିବାପାଇଁ ଷ୍ଟେସନର ଉତ୍ତର କେବିନ ଲେବଲ କ୍ରସିଂଠାରୁ ରେଳ ଧାରଣର ପୂର୍ବପଟ ରାସ୍ତାର ସୁଧାର ଆଣିବା ପାଇଁ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଚିଲିକାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ମାଣ ପାଇଁ ପରିଷଦ ତରଫରୁ ମତପ୍ରକାଶ ପାଇଥିଲା। ମରଣଯନ୍ତା ପାଲଟିଥିବା ସ୍ଥାନୀୟ ବଡ଼ପଦର କରଡ଼ିଖଣି ନିକଟରେ ଥିବା ୧୬ନମ୍ବର ଜାତୀୟ ରାଜପଥରେ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ରଖାଯାଇଥିଲା। ଏହି ବୈଠକରେ ପରିଷଦର ଉପସଭାପତି ପ୍ରମୋଦ କୁମାର ଦାଶ, ଅଶୋକ କୁମାର କରାଳ, ବରିଷ୍ଠ ଶିକ୍ଷାବିତ ପ୍ରମୋଦ ଶତପଥୀ, ସରକାରୀ ଓକିଲ ପ୍ରଦୀପ୍ତ ନନ୍ଦ, ଅବସରପ୍ରାପ୍ତ ଅଧିକାରୀ ମକରଧ୍ୱଜ ପଲେଇ, ପ୍ରତାପ ଶତପଥୀ, ଶିକ୍ଷାବିତ ଦାଶରଥି ବରବନ୍ତରାୟ, ହରିପୁର ସରପଞ୍ଚ ପ୍ରତିନିଧି ବିଜୟ ବେହେରା, ନାରୁଣୀ ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପଲେଇ, ବହୁ ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# SOCIAL WORK

# ଗଙ୍ଗାଧରପୁର ରେଳ ଷ୍ଟେସନ ଉନ୍ନତିକରଣ ତ୍ୱରାନ୍ୱିତ

ହରିପୁର ଶାସନ (ଚିଲିକା), ୯।୯ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ହରିପୁର ପଞ୍ଚାୟତ ପରିସୀମା ମଧ୍ୟରେ ଅବହେଳିତ ଅବସ୍ଥାରେ ଥିବା ଗଙ୍ଗାଧରପୁର ରେଳଷ୍ଟେସନର ସ୍ୱଚ୍ଛତା ଓ ଉନ୍ନତ ଆଲୋକୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ବିଭାଗ ଦ୍ୱାରା ଗଙ୍ଗାଧରପୁର ଷ୍ଟେସନରେ ବିଭିନ୍ନ ସ୍ଥାନରେ ପଡ଼ିଥିବା ଆବର୍ଜନାଗୁଡ଼ିକ ସଫା କରାଯାଇଛି । ବିଶ୍ରାମସ୍ଥଳରେ ବିଜୁଳି ପଙ୍ଖାର ବ୍ୟବସ୍ଥା କରାଯାଇଛି । ତତ୍‌ସହିତ ଷ୍ଟେସନରେ ଉନ୍ନତ ଆଲୋକ ବନ୍ଦୋବସ୍ତ ନିମନ୍ତେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ଅବହେଳିତ ଗଙ୍ଗାଧରପୁର ରେଳ ଷ୍ଟେସନ ସମ୍ପର୍କରେ ଦୈନିକ 'ସମାଜ'ରେ ଖବର ପ୍ରକାଶିତ ହୋଇଥିଲା । ଚିଲିକା ଆଞ୍ଚଳିକ ବିକାଶ ପରିଷଦର ସମ୍ପାଦକ ଗୋଦାବରୀଶ ପ୍ରଧାନଙ୍କ ଆବାହକତ୍ୱରେ ଓ ସଭାପତି ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରେଳ ଷ୍ଟେସନ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିଗତ ଦିନରେ ଚିଲିକା ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଅବହେଳିତ ଗଙ୍ଗାଧରପୁର ଷ୍ଟେସନର ବିକାଶ ସହିତ ଦ୍ରୁତଗାମୀ ଟ୍ରେନ



ରହଣି ନିମନ୍ତେ ଦାବି ରଖାଯାଇଥିଲା । ଏହି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଗତ ମାସ ୨୬ରେ ଆଲୋଚନାରେ ଭାରତୀୟ ପର୍ଯ୍ୟଟନ ଉନ୍ନୟନ ବିଭାଗ ଅଧ୍ୟକ୍ଷ ଡା. ସମ୍ବିତ ପାତ୍ର ଓ କୋଚିନ ସିପ ୟାର୍ଡ ନିର୍ଦ୍ଦେଶକ ପ୍ରଥମରାଜ ହରିଚନ୍ଦନ ଯୋଗ ଦେଇଥିଲେ । ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଡ. ପାତ୍ର ଓ ଶ୍ରୀ ହରିଚନ୍ଦନ ଗଙ୍ଗାଧରପୁର ରେଳ ଷ୍ଟେସନର ରୂପରେଖ ପରିଦର୍ଶନ କରିବା ସହ ଦୁଇ, ତିନି ଓ ଚାରି ନମ୍ବର ପ୍ଲାଟଫର୍ମର ଦୟନୀୟ ସ୍ଥିତି ପରଖିଥିଲେ । ଡା. ପାତ୍ର ପ୍ରକୃତ ସମସ୍ୟାକୁ ହୃଦୟଙ୍ଗମ କରି କେନ୍ଦ୍ରୀୟ ରେଳ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଗଙ୍ଗାଧରପୁର ରେଳ ଷ୍ଟେସନର ସମସ୍ୟା ବିଷୟରେ ଅବଗତ କରାଇଥିଲେ । ଉଚ୍ଚ ପ୍ଲାଟଫର୍ମ, ପାନୀୟ ଜଳ, ଉନ୍ନତ ଆଲୋକୀକରଣ ସମେତ ସ୍ୱଚ୍ଛତା ଓ ସୁରକ୍ଷା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ତତ୍‌ସହିତ ରେଳ ବିଭାଗର ଖୋର୍ଦ୍ଧା ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସହିତ ଫୋନ ମାଧ୍ୟମରେ ଏହି ଷ୍ଟେସନର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ଆଲୋଚନା ମାଧ୍ୟମରେ ଜଣାପଡ଼ିଥିଲା ଯେ, ପରିଦର୍ଶନ ପାଇଁ ରେଳ ମଣ୍ଡଳ ଅଧିକାରୀ ସମ୍ମତି ପ୍ରଦାନ କରିଥିଲେ । ସ୍ଥାନୀୟ କର୍ମକର୍ତ୍ତାଙ୍କ ସୂଚନା ଅନୁଯାୟୀ ଦୁଇ ଦିନ ପୂର୍ବେ ପୂର୍ବତଟ ରେଳ ବିଭାଗ ଖୋର୍ଦ୍ଧା ଡିଭିଜନର ଏଡିଆରଏମ ଶୁଭଜିତ ମଣ୍ଡଳ ଓ ରେଳ ବିଭାଗ କମର୍ସିଆଲ ଇନ୍‌ସପେକ୍ଟର ଗଙ୍ଗାଧରପୁର ରେଳ ଷ୍ଟେସନ ପରିଦର୍ଶନରେ ଆସିଥିଲେ । ସମସ୍ତ ସମସ୍ୟାକୁ ହୃଦୟଙ୍ଗମ କରି ଏହାର ବିକାଶ ଉପରେ ଆଲୋଚନା କରିଥିଲେ । ଏହା ପରଠାରୁ ସ୍ୱଚ୍ଛତା ଓ ଆଲୋକୀକରଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇଥିବା ଜଣାପଡ଼ିଛି । ଆଗାମୀ ଦିନରେ ଗଙ୍ଗାଧରପୁର ରେଳଷ୍ଟେସନର ବିକାଶ ନିଶ୍ଚିତ ହେବ ବୋଲି ଅଞ୍ଚଳବାସୀଙ୍କ ଆଶା ଦୃଢ଼ୀଭୂତ ହୋଇଛି । ରେଳ ଷ୍ଟେସନ ଉନ୍ନତିକରଣ କାର୍ଯ୍ୟକ୍ରମ ଚାଲୁ ରହିଥିବାରୁ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

ପ୍ରମେୟ THE PRAMEYA ୧୬ | ମଙ୍ଗଳବାର ୨୦ ଡିସେମ୍ବର ୨୦୧୬

# ସ୍ଥାନୀୟ ସମସ୍ୟା ନେଇ ବୈଠକ



କାଳୁଣୀ, ୧୯।୧୨ (ଆପ୍ର): ଚିଲିକା ବ୍ଲକ ନିକଟ ମା' କାଳୁଣୀଙ୍କ ମନ୍ଦିର ପରିସରରେ ସ୍ଥାନୀୟ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଚିଲିକା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଏହାର ସଭାପତି [illegible] କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି ।

[illegible]

# SOCIAL WORK




## କାର୍ଯ୍ୟକ୍ଷମ ହେଉନି ହରିପୁରସ୍ଥିତ ବିଦ୍ୟୁତ୍ ସବ୍‌ଷ୍ଟେସନ୍

# ଜଙ୍ଗଲ ବିଭାଗ ସାଜିଛି ବାଧକ!



## ଗଙ୍ଗାଧରପୁର ରେଳଷ୍ଟେସନ୍

# କଳ ଲାଗିଛି, ପାଣି ବାହାରୁନି



# SOCIAL WORK

## TREE PLANTATION



# ସମ୍ବାଦ ସାହିତ୍ୟଘର ପକ୍ଷରୁ ବୃକ୍ଷରୋପଣ

ନାଚୁଣୀ,୨୨/୮(ଢମିସ): ଆଜି ପବିତ୍ର ରକ୍ଷା ବନ୍ଧନ ପର୍ବ ପାଳନ ଅବସରରେ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର କାଞ୍ଚଣ ଶିଖରୀ ପୀଠରେ ଚିଲିକା ସମ୍ବାଦ ସାହିତ୍ୟଘର ଓ କାଞ୍ଚଣ ଶିଖରୀ ପୀଠର ମିଳିତ ଆନୁକୂଲ୍ୟରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିଲିକା ଜଳ ପରିବେଷ୍ଟିତ ଭୂଖଣ୍ଡ କାଞ୍ଚଣ ଶିଖରୀ ପୀଠ ଓ ଏହାର ଚତୁଃପାର୍ଶ୍ୱରେ ନଡ଼ିଆ, ଗୁଆ, ଚମ୍ପା ଆଦି ୪୦ଟି ଚାରାରୋପଣ କରାଯାଇଥିଲା। କାଞ୍ଚଣ ଶିଖରୀ ସମ୍ବାଦ ସାହିତ୍ୟଘର ସଂଯୋଜକ ପ୍ରଦୋଷ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କାଞ୍ଚଣଶିଖରୀ ପୀଠର ଆରାଧକ ଡ.ସୁଶାନ୍ତ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବରିଷ୍ଠ ଉପଦେଷ୍ଟା ହାଡ଼ୁବନ୍ଧୁ ପଟ୍ଟନାୟକ, ଲୀଳାକ୍ଷେତ୍ର ଟ୍ରଷ୍ଟର ଉପଦେଷ୍ଟା ଗୀତାରାଣୀ ସାହୁଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ବେହେରା, ଲକ୍ଷ୍ମୀଧର ବେହେରା ଭାଗୀରଥୀ ବେହେରା, ସୁନ୍ଦରୀ ଦେଈ, ନିରଂଜନ ସାହୁ ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ କରି ଏହାର ସୁରକ୍ଷା ପାଇଁ ଶପଥ ପାଠ କରିଥିଲେ। କାଞ୍ଚଣ ଶିଖରୀ ପୀଠର ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥ ଚତୁର୍ଦ୍ଧା ଠାକୁର ଓ ଚକାଦେବଙ୍କୁ ରାକ୍ଷୀ ଲାଗି ଓ ଭୋଗ ନୈବେଦ୍ୟ ପରେ ନୂତନ ରୋପିତ ଚାରାକୁ ମଧ୍ୟ ଏହାର ସୁରକ୍ଷା ନିମିତ୍ତ ରକ୍ଷା ବନ୍ଧନ କରାଯାଇଥିଲା।



ସମ୍ବାଦ

ସମ୍ବାଦ

ଖୋର୍ଦ୍ଧା ଜିଲ୍ଲା,୧୨.୮.୨୦୨୨

## ‘ସମ୍ବାଦ ସାହିତ୍ୟଘର’ ପକ୍ଷରୁ ବୃକ୍ଷରୋପଣ



KHURDA Edition
Page No.1 August 12, 2022

# TACKLING LOCAL ISSUES AFFECTING THE COMMUNITY

## ଗଙ୍ଗାଧରପୁର ଷ୍ଟେସନ୍‌ରେ ରହିଲା ଫାଷ୍ଟ ପାସେଞ୍ଜର୍



ନାଚୁଣୀ, ୧୪।୧ (ଇମିସ): ଗଙ୍ଗାଧରପୁର ଷ୍ଟେସନ୍‌ରେ ଭଦ୍ରକ-ବ୍ରହ୍ମପୁର ଫାଷ୍ଟ ପାସେଞ୍ଜର ଟ୍ରେନ୍ ରହଣୀର ଶୁଭାରମ୍ଭ ହୋଇଛି। ଫଳରେ ଗଙ୍ଗାଧରପୁର ରେଳ ସୁରକ୍ଷା ଓ କଲ୍ୟାଣ ମଞ୍ଚ ନେତୃତ୍ୱରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ଭଦ୍ରକ-ବ୍ରହ୍ମପୁର ଫାଷ୍ଟ ପାସେଞ୍ଜର ଆଜି ଏହି ଷ୍ଟେସନ୍‌ରେ ୨ ମିନିଟ୍ ଅଟକିଥିଲା। ଚିଲିକା ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ ଏହାକୁ ପତାକା ଦେଖାଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିଲିକାର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଚିଲିକା ବିଡିଓ ସୌରିନ୍ଦ୍ର କୁମାର ରାଉତରାୟ, ଖୋର୍ଦ୍ଧା ରେଳ ସୁରକ୍ଷା ମଞ୍ଚର କର୍ମକର୍ତ୍ତା, ହରିପୁର ସରପଞ୍ଚ କୁମାରୀ ସେଠୀ, ସମାଜସେବୀ ସୁଶାନ୍ତ ସାହୁ, ଗଙ୍ଗାଧରପୁର ଷ୍ଟେସନ୍ ପରିଚାଳନା ଅଧିକାରୀ ଲକ୍ଷ୍ମୀଧର ବେହେରା, ଷ୍ଟେସନ୍ ମ୍ୟାନେଜର ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



# SOCIAL WORK

ସମ୍ବାଦ, ଖୋର୍ଦ୍ଧା ଜିଲ୍ଲା ପୃଷ୍ଠା,
ସମ୍ବାଦ ୫.୯.୨୦୨୩

## କାଙ୍କଣଶିଖରୀ-ବାଲୁଗାଁ ଚିଲିକା କୂଳ ଚାଲିବ ଡଙ୍ଗା

ବାଲୁଗାଁ, ୪/୯ (ସମିସ): ଚିଲିକା ବ୍ଲକ ସହ ଯୋଡ଼ି ହୋଇଥିବା ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ଏବଂ କାଙ୍କଣଶିଖରୀ ପୀଠରୁ ବାଲୁଗାଁ ଚିଲିକା ପର୍ଯ୍ୟଟନ ଅଞ୍ଚଳ ସହ ଯୋଡ଼ିବା ସହ ଏଥିରେ ନିୟୋଜିତ ଲୋକଙ୍କ ଅଧିକ କଲ୍ୟାଣ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଆବଶ୍ୟକ ମତ ବିନିମୟ ଓ ବିଚାରବିମର୍ଶ ନିମନ୍ତେ କାଳିକାପ୍ରସାଦ ମୋଟର ବୋଟ ଆସୋସିଏସନ୍ ତରଫରୁ ଗଠନକାରି ଭାବିରେ ଉପରୋକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। କାଳିକାପ୍ରସାଦ ମୋଟର ବୋଟ ଆସୋସିଏସନ୍ (ବାଲୁଗାଁ) ପକ୍ଷରୁ ଏହାର ସଭାପତି ଇଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆମନ୍ତ୍ରିତ ଅତିଥି ଭାବେ କାଙ୍କଣଶିଖରୀ ପୀଠର ଅଧ୍ୟକ୍ଷ ସୁଶାନ୍ତ କୁମାର ସାହୁ, ସମ୍ପାଦକ ପ୍ରଦୋଷ କୁମାର ଦାସ, କାର୍ଯ୍ୟନିର୍ବାହୀ ସଭ୍ୟ ପ୍ରମୋଦ



କୁମାର ଦାସ, ରମେଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ବାଲୁଗାଁ ମୋଟର ବୋଟ ଆସୋସିଏସନ୍ ପକ୍ଷରୁ ସମ୍ପାଦକ କୃଷ୍ଣଚନ୍ଦ୍ର ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ। ସୂଚନାଯୋଗ୍ୟ ଯେ ଆଲୋଚନା ଶେଷରେ ବାଲୁଗାଁ

### ଗଣେଶ ପୂଜାରେ ଭିତ୍ତିଭୂମି ଅନୁଧ୍ୟାନ

ବେହେରା, ଉପସଭାପତି ତରଣୀ ବଳବନ୍ତରାୟ ସଭା ସଂଯୋଜନା କରିଥିଲେ। ଅଭିମନ୍ୟୁ ସାହୁ, ସାଧାରଣ ବଳବନ୍ତରାୟ, ଗୌତମ ରଞ୍ଜନ ପାତ୍ର, ରମେଶ ବେହେରା, ଚିଲିକା ବ୍ଲକର କାଙ୍କଣଶିଖରୀ ପୀଠକୁ ସଦସ୍ୟମାନେ ଡଙ୍ଗାରେ ଯାଇ ଭିତ୍ତିଭୂମି ପରଖିବା ପାଇଁ ଗଣେଶ ପୂଜାକୁ ଦିନ ଧାର୍ଯ୍ୟ କରାଯାଇଥିଲା।

KHURDA Edition
Page No 1 September 05, 2023

ଧରିତ୍ରୀ ୧୫.୧.୨୦୨୩



କାଙ୍କଣଶିଖରୀରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ଯଜ୍ଞର ପୂର୍ଣ୍ଣାହୁତି ଦିବସରେ ଉପସ୍ଥିତ ସାଧୁସନ୍ଥ ଏବଂ ଅନ୍ୟମାନେ।

## କାଙ୍କଣଶିଖରୀରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ଯଜ୍ଞର ପୂର୍ଣ୍ଣାହୁତି

ଗମ୍ଭାରିମୁଣ୍ଡା,୧୪।୧ (ଦିଲୀପ ସ୍ୱାଇଁ)

କାଙ୍କଣଶିଖରୀରେ ଗତ ୯ ତାରିଖରୁ ଚାଲିଥିବା ୫ମ ବାର୍ଷିକ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ସୁଶାନ୍ତ କୁମାର ସାହୁଙ୍କ ସଂଯୋଜନା ଏବଂ ପୀଠର ସମ୍ପାଦକ ପ୍ରଦୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଶ୍ରୀଜଗନ୍ନାଥ ଐତିହ୍ୟ ଓ ସଂସ୍କୃତି ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ପାର୍ଥସାରଥି ମହାନ୍ତି, ନୀଳାଞ୍ଚଳ ମୁଖାର୍ଜୀ, ଦେବୀପ୍ରସାଦ ନନ୍ଦ, ଅରବିନ୍ଦ ଦାସ, ପଦ୍ମପାଦ ଦାସ, ପ୍ରକାଶ କୁମାର ନାୟକ, ପଣ୍ଡିତ ନୃସିଂହ ପ୍ରସାଦ ମିଶ୍ର, ଶ୍ରୀଦେଶ ପ୍ରଜାପତି ଓ ମା' ଭଗବତୀ ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ବାଳମୁକୁନ୍ଦ ଦାସ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଚିଲିକା ଓ ବାଣପୁର ମଣ୍ଡଳ ଅନ୍ତର୍ଗତ ୩୩ଟି ଜଗନ୍ନାଥ ପୀଠରୁ ଆଜ୍ଞାମାଳ ଆଣି ଆସିଥିବା ସେବକ ଓ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅରବିନ୍ଦ ଦାସ ଓ ଦେବୀପ୍ରସାଦ ନନ୍ଦ ଭଜନ ପରିବେଷଣ କରିଥିବା ବେଳେ ନଗରୀ ମହିଳାଙ୍କର କୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ହୋଇଥିଲା। ଯଜ୍ଞ ପୂର୍ଣ୍ଣାହୁତି ଓ ଚିଲିକା ଆରତି ସହିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ରାଜକିଶୋର ସାହୁ, ଦେବେନ୍ଦ୍ର ଦାସ, କାଙ୍କଣଶିଖରୀ ପୀଠର ସମସ୍ତ କର୍ମକର୍ତ୍ତା, ନଗରୀ ଗ୍ରାମବାସୀ, ନାଚୁଣା ଥାନା ଅଧିକାରୀ ଓ କର୍ମଚାରୀ, ଚିଲିକା ବ୍ଲକ ପ୍ରଶାସନ, ଦଣ୍ଡଧରପୁର ଅଗ୍ନିଶମ ବାହିନୀ, ନାଚୁଣା କଲେଜର ଏନସିସି ଛାତ୍ର ବିଭାଗର ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରଥଙ୍କ ସହିତ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ହୋମଯଜ୍ଞ ପାଇଁ ନିମନ୍ତ୍ରଣ

ହରିପୁର ଶାସନ(ଚିଲିକା),୬।୧(ନି.ପ୍ର): ଚିଲିକା ବ୍ଲକ ଅନ୍ତର୍ଗତ ଗଙ୍ଗାଯମୁନା ତଟରେ ଥିବା ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର କାଙ୍କଣଶିଖରୀ ପୀଠରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ହୋମଯଜ୍ଞ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ଠାକୁରାଣୀଙ୍କ ସମେତ ଚିଲିକା ଓ ବାଣପୁର ବ୍ଲକର ବିଭିନ୍ନ ଶ୍ରୀଜଗନ୍ନାଥ ପୀଠକୁ ନିମନ୍ତ୍ରଣ କରାଯାଇଛି। ସୂଚନା ଥାଉକି ଆସନ୍ତା ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିଲାଗି ଶନିବାର ପ୍ରଭାତରୁ ବାଣପୁରସ୍ଥିତ ମା' ଭଗବତୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯାଇ ମା'ଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହାପରେ ବାଣପୁରସ୍ଥିତ ବ୍ରହ୍ମେଶ୍ୱରୀ ଶ୍ରୀ ଶ୍ରୀ ରଙ୍କନାଥ ଦେବ, ଶ୍ରୀ ଶ୍ରୀ ଅନନ୍ତସ୍ୱାମୀ ଦେବ ବିଜେ ଭାମପୁର, ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଶ୍ରୀ ଶ୍ରୀ ଚରଣ ଚକ୍ର ଦେବ ବିଜେ ବଡ଼ହନୁଆଡ଼, ଶ୍ରୀ ଶ୍ରୀ ଦଧିବାମନ ଦେବ ବିଜେ ସାନସପୁର, ଶ୍ରୀ ଶ୍ରୀ



ଜଗନ୍ନାଥ ଦେବ ବିଜେ ତୋଟାଗାଁ, ଶ୍ରୀ ଶ୍ରୀ ପତିତପାବନ ଦେବ ବିଜେ ଗମ୍ଭାରୀମୁଣ୍ଡା, ଶ୍ରୀ ଶ୍ରୀ ଦଧିବାମନ ଦେବ ବିଜେ ଭାଙ୍ଗପଡ଼ା, ଶ୍ରୀ ଶ୍ରୀ ପତିତପାବନ ଦେବ ବିଜେ ଚଣ୍ଡେଶ୍ୱର, ଶ୍ରୀ ଶ୍ରୀ ପତିତପାବନ ଦେବ ବିଜେ ସୋରଣ, ଶ୍ରୀ ଶ୍ରୀ ଜଗତି ଜଗନ୍ନାଥ ବିଜେ କଉଡ଼ିଖଣ୍ଡୀ ବଡ଼ପଦର, ଶ୍ରୀ ଶ୍ରୀ ଜଗନ୍ନାଥ ଦେବ ବିଜେ ନାଚୁଣା, ଶ୍ରୀ ଶ୍ରୀ ତ୍ରିବିକ୍ରମ ଦେବ ବିଜେ ଜଗତିପାହାଡ଼ ସୁନାଖଳା ପ୍ରମୁଖ ଠାକୁରଙ୍କୁ ନିମନ୍ତ୍ରଣ କରାଯାଇଛି। ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପୂଜ୍ୟପାଦ ବାବା ଶ୍ରୀ ପଦ୍ମପାଦ ଦାସ, ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର କାଙ୍କଣଶିଖରୀ ଟ୍ରଷ୍ଟର ବରିଷ୍ଠ ଆଦ୍ୟ ସେବକ ହାଡ଼ିବନ୍ଧୁ ପଟ୍ଟନାୟକ, ଶ୍ରୀ ଶ୍ରୀ ଦକ୍ଷେଶ୍ୱର ଭଗବତୀ ଦେବୋତ୍ତର କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ଶ୍ରୀଜଗନ୍ନାଥଙ୍କ ସେବକ ତଥା ବରିଷ୍ଠ ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ର, ଚିଲିକା ବ୍ଲକ ସେବା ନିବୃତ୍ତ ଶିକ୍ଷକ ସଂଘ ସଭାପତି ସତ୍ୟେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ସମୟରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟର ସଭାପତି ସୁଶାନ୍ତ କୁମାର ସାହୁଙ୍କ ଠାରୁ ପ୍ରକାଶ।

# SOCIAL WORK

## ବଉଳାବନ୍ଧରେ ସ୍ମାର୍ଟ ହେଲ୍ଥ କାର୍ଡ ବଣ୍ଟନ ଶୁଭାରମ୍ଭ

କାନୁଣୀ, ୧୮।୧୨(ଭମିସ): ଆଜି ଚିଲିକା ବ୍ଲକର ବଉଳାବନ୍ଧ ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ସ୍ମାର୍ଟ ହେଲ୍ଥ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଛି। ସରପଞ୍ଚ ଦେବାଶିଷ ଭଥଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଥମ ଦଫାରେ ୨୮ ଜଣ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍ଥ କାର୍ଡ ବଣ୍ଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଚିଲିକା ବ୍ଲକର ଉପାଧ୍ୟକ୍ଷ ଡାକ୍ତର ଉତ୍ପଳ କୁମାର ପାଇକରାୟ, ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା, ବିଜୟ ନାୟକ, ବିଜୟ ବେହେରା, ପ୍ରମୋଦ କୁମାର ଶତପଥୀ, କାଙ୍କଣ ଶିଖରୀ ନଇରୀର ଆବାହକ ଡ. ସୁଶାନ୍ତ କୁମାର ସାହୁ ଯୋଗ ଦେଇ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍ଥ କାର୍ଡ ପ୍ରଦାନ କରିଥିଲେ। ବଉଳାବନ୍ଧ ପଞ୍ଚାୟତରେ ମୋଟ୍ ୧୨୫୬ ହିତାଧିକାରୀଙ୍କୁ ଏହି ସ୍ମାର୍ଟ ହେଲ୍ଥ କାର୍ଡ ବଣ୍ଟନ କରାଯିବ ବୋଲି ସ୍ଥିର ହୋଇଛି। ଏଥିସହିତ ଚିଲିକା ବ୍ଲକର ସିଙ୍ଗେଶ୍ୱର, କୁମାରଶୋଳ, ହରିପୁର ଓ ନଇରୀ ପଞ୍ଚାୟତ ଆଦିରେ ମଧ୍ୟ ଆୟୋଜିତ କାର୍ଯ୍ୟକ୍ରମରେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି।





ୀଠ

୨ (ନି.ପ୍ର):
ୟଟନ କେନ୍ଦ୍ର
କଣ୍ଡିଲୋ ଦୀଘ
ହେଳିତ ଅବସ୍ଥାରେ
ସରକାର ଏଥିପ୍ରତି
ଥିବା ଅସନ୍ତୋଷ

ାନ୍ନାଥ ଧାମର
ଉଥିବା କଣ୍ଡିଲୋ
ତ୍ର ସମ୍ପ୍ରତି ଶ୍ରୀ
ିଛି । ଦୀଘ
ଲେ ମନ୍ଦିର
ହଲାଣି ।
ହେଲା
ହଲା
ଟା
ଙ୍କି
ର
ରେ

## କାଙ୍କଣଶିଖରୀରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ସମ୍ମିଳନୀ



କାନୁଣୀ, ୧୩।୧୨ (ନି.ପ୍ର): ଚିଲିକା ବ୍ଲକର ନଇରୀ ଯମୁନା କୂଳରୁ ଅନତିଦୂର ଚିଲିକା ଜଳ ପରିବେଷ୍ଟିତ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର କାଙ୍କଣଶିଖରୀ ଦ୍ୱୀପଠାରେ ଗତ ୧୧ ତାରିଖରୁ ୩ ଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ତଥା ଆଧ୍ୟାତ୍ମିକ ସମ୍ମିଳନୀ ରବିବାର ସଂଧ୍ୟାରେ ଉଦଯାପିତ ହୋଇଛି । କାଙ୍କଣଶିଖରୀ ପୀଠର ଆବାହକ ଡଃ ସୁଶାନ୍ତ କୁମାର ସାହୁ ତଥା କାଙ୍କଣଶିଖରୀସ୍ଥିତ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଟ୍ରଷ୍ଟ ଆନୁକୂଲ୍ୟରେ ଟ୍ରଷ୍ଟି ଗୀତାରାଣୀ ସାହୁଙ୍କ ସଂଯୋଜନା, ନଇରୀ ଗ୍ରାମବାସୀଙ୍କ ସହଯୋଗରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ଋଷିକେଶସ୍ଥିତ ଦିବ୍ୟ ଜୀବନ ସଂଘର ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ । ଏହି ଅବସରରେ କାଙ୍କଣଶିଖରୀ ତୋରଣ, ଗୋଶାଳାର ଉଦଘାଟନ, କାଙ୍କଣ ଶିଖରୀ ଟେଲିଭିଜନର ଲୋକାର୍ପଣ ହୋଇଥିଲା । ଶ୍ରୀଜଗନ୍ନାଥ ସଂସ୍ଥାନର ସଭାପତି ଡଃ ପିତବାସ ରାଉତରାୟ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଦେବେନ୍ଦ୍ରନାଥ ଦାସ, ନାଇଜରର କୁଳସଚିବ ତଥା ବଟ ଶ୍ରୀଜଗନ୍ନାଥ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ଡ. ଅଭୟ କୁମାର ନାୟକ ଏହି ୩ ଦିନିଆ ଆଧ୍ୟାତ୍ମିକ ସମ୍ମିଳନୀର ବିଭିନ୍ନ ଦିବସ ଓ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ । ମଧ୍ୟମ ଦିବସରେ ମୁଖ୍ୟ ଅତିଥି ରୂପେ ପୁରୀସ୍ଥିତ ଶ୍ରୀ ରାଧାବଲ୍ଲଭ ମଠର ମଠାଧୀଶ ମହନ୍ତ ବାବା ରାମକୃଷ୍ଣ ଦାସ ମହାରାଜ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରୀୟଦର୍ଶୀ ନାହୁପାଣିଙ୍କୁ ଶ୍ରୀଜଗନ୍ନାଥ ସମ୍ମାନ, ମିତାଲି ସାମନ୍ତରାୟଙ୍କୁ ମା ସୁଭଦ୍ରା ସମ୍ମାନରେ ସମ୍ମାନୀତ କରାଯାଇଥିଲା । ମଧ୍ୟମ ଦିବସରେ ଆମନ୍ତ୍ରିତ ବକ୍ତା ଭାବେ ନିରାକାରପୁରସ୍ଥିତ ଜଗନ୍ନାଥ ସଂସ୍କୃତି ପରିଷଦ, ସଭାପତି ଶକ୍ତିଶଙ୍କର ମିଶ୍ର, ଯଜ୍ଞ ପୁରୋଧା ହାଡୁବନ୍ଧୁ ପଟ୍ଟନାୟକ, ନିଖିଳୋତ୍କଳ ପାଲାଗାୟକ ପରିଷଦର ଉପଦେଷ୍ଟା ଲଳିତମୋହନ ପଟ୍ଟନାୟକ, ସାହିତ୍ୟିକ ଡାକ୍ତର ଦେବେନ୍ଦ୍ରନାଥ ମାନସିଂହ, ବିଜେପିର ରାଜ୍ୟ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଥିଲେ । ଅନ୍ତିମ ଦିବସରେ ସ୍ଥପତି ଅରବିନ୍ଦ ଦାସ, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଗୌରାଙ୍ଗ ବାରିକ ପ୍ରମୁଖ ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇଥିଲେ । ଯଜ୍ଞ ପରିଚାଳନା ପଣ୍ଡିତ ତାରାପ୍ରସାଦ ସାମନ୍ତରାୟ, ଠାକୁରଙ୍କ ବିଭିନ୍ନ ବେଶ ସଜାରେ ଡେଲାଙ୍ଗ(କୁମ୍ଭତାଳ)ର ଚିନ୍ତାମଣୀ ଦାସ ସହଯୋଗ କରିଥିଲେ ।

# SOCIAL WORK











## ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ ପାଳିତ



## ଚନ୍ଦ୍ରଶେଖରପୁର ମହୋତ୍ସବ ଉଦ୍‌ଘାଟିତ

ଚନ୍ଦ୍ରଶେଖରପୁର, ୧୪(ଇମିସ): ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଅଳିଠାରୁ ଆରମ୍ଭ ହୋଇଛି ଚନ୍ଦ୍ରଶେଖରପୁର ମହୋତ୍ସବ। ମହାରୀ ନୃତ୍ୟ ସାଙ୍ଗକୁ ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ଗୋଟିଏ ମଞ୍ଚରେ ପରିବେଷିତ ହୋଇଥିଲା। ଏଥିସହ ଲୁପ୍ତପ୍ରାୟ ଲୋକନୃତ୍ୟ ବି ଏଠାରେ ପ୍ରମୁଖ ଆକର୍ଷଣ ପାଇଥିଲା। ପ୍ରଥମ ସନ୍ଧ୍ୟାରେ ପରିବେଷିତ ନୃତ୍ୟ ନାଟିକା 'କାଳିକାଙ୍କ' ଓ ଲୋକନୃତ୍ୟ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

ଚନ୍ଦ୍ରଶେଖରପୁର ଆପଲେଟିକ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ମହୋତ୍ସବକୁ ଦେବୀ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ତଥା ଆଧ୍ୟାତ୍ମିକ ନେତ୍ରର ସଭାପତି ରମେଶ ଦାସ ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଆୟୋଜକ କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ ଅଇନଜୀବୀ ମନ୍ମଥନାଥ ଚେଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ବାର୍ ଅସୋସିଏସନର ସଭାପତି ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମାଜସେବୀ ସୁଶାନ୍ତ କୁମାର ସାହୁଙ୍କୁ ଚନ୍ଦ୍ରଶେଖରପୁର ଗୌରବ ଉପାଧିରେ ସମ୍ମାନିତ କରାଯାଇଥିଲା। ରାଗରାଗିଣୀ ଓ ମଧୁରିମା ପରିଷଦ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଦିଲ୍ଲୀପ କୁମାର ସାହୁ, ବିଜୟ କୁମାର ପାତ୍ର, ସମାଜସେବୀ ସନ୍ତୋଷ ମହାନ୍ତି, ଗୁଣିଶ୍ କୁମାର ନାୟକ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ। ତିନି ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ଓ ଜନସାଧାରଣ ଯୋଗ ଦେଉଛନ୍ତି।

# SOCIAL WORK

## କାଞ୍ଚଣଶିଖରୀରେ ନନ୍ଦିଘୋଷ ରଥ ଚକ ପ୍ରତିଷ୍ଠାର ୯ମ ବର୍ଷ ପୂର୍ତ୍ତି ଉତ୍ସବ



## ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ରରେ ନବମ ବର୍ଷ ପୂର୍ତ୍ତି ଉତ୍ସବ



## ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ୪୪ତମ ମହାସଭା



## ଚିଲିକା କୂଳରେ ଥିବା କାଞ୍ଚଣ ଶିଖରୀରେ ନନ୍ଦିଘୋଷ ରଥ ଚକା ପ୍ରତିଷ୍ଠାର ୯ମ ବର୍ଷ ପୂର୍ତ୍ତି ଉତ୍ସବ ମହାସମାରୋହରେ ପାଳନ



## କାଞ୍ଚଣ ଶିଖରୀରେ ନନ୍ଦିଘୋଷ ରଥଚକା ପ୍ରତିଷ୍ଠାର ୯ମ ବର୍ଷ ପୂର୍ତ୍ତି ଉତ୍ସବ

ବାଲୁଗାଁ,୬।୩(ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ନଇରି ଗ୍ରାମ ନିକଟ ଜଗତର ନାଥ ଜଗନ୍ନାଥଙ୍କ ଲୀଳାକ୍ଷେତ୍ର କାଞ୍ଚଣ ଶିଖରୀରେ ଶ୍ରୀ ଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଟ୍ରଷ୍ଟର ସଭାପତି ଡଃ ସୁଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ନନ୍ଦିଘୋଷ ରଥ ଚକା ପ୍ରତିଷ୍ଠାର ୯ମ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ରାଧା ବଲ୍ଲଭ ମଠାଧୀଶ ପୂଜ୍ୟ ମହନ୍ତ ବାବା ରାମକୃଷ୍ଣ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଓ ସମ୍ମାନୀତ ଅତିଥି ଭବେ ପ୍ରଫେସର ଡଃ ସୁରେନ୍ଦ୍ର ନାଥ ଦାଶ ଯୋଗ ଦେଇଥିଲେ । ବାଣପୁର ନେହୁରୁ ସେବାସଂଘ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ କେକ୍ କଟିଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାତଃରେ ବୈଦିକ ହୋମ ଯଜ୍ଞ ସହ ଭଜନ ସମାରୋହ ହୋଇଥିଲା। ବିଭିନ୍ନ ଅଞ୍ଚଳର ସମାଜସେବୀ ଓ ସାମ୍ବାଦିକମାନଙ୍କୁ ସମ୍ମାନୀତ କରାଯାଇଥିଲା। ସମାଜସେବୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ବଳଭଦ୍ର ସମ୍ମାନ, ଡଃ ସୁରେନ୍ଦ୍ର ନାଥ ଦାସଙ୍କୁ ଶ୍ରୀ ଜଗନ୍ନାଥ ସମ୍ମାନ, ସୁଶ୍ରୀ ସରୋଜିନୀ ଦାସଙ୍କୁ ମା ସୁଭଦ୍ରା ସମ୍ମାନ, ସତ୍ୟେନ୍ଦ୍ର କୁମାର ସ୍ୱାଇଁଙ୍କୁ ଶ୍ରୀ ସୁଦର୍ଶନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବରିଷ୍ଠ ସାମ୍ବାଦିକ ଭିକାରୀ ଚରଣ ପ୍ରଧାନ, ନୃସିଂହ ପ୍ରସାଦ ମିଶ୍ର, ଶକ୍ତି ପ୍ରସାଦ ମହାପାତ୍ର, ଅନନ୍ତ ଗୋପାଳ ପଟ୍ଟନାୟକ, ଅଶୋକ କୁମାର ପାଇକରାୟ, ଶୁଶିଲ କୁମାର ପ୍ରଧାନ, ଜିତେନ୍ଦ୍ର ପଣ୍ଡା ଓ ଯୁବ ସାମ୍ବାଦିକ ଚନ୍ଦନ ସୁନ୍ଦରାୟ, ଦିଲ୍ଲୀପ କୁମାର ସ୍ୱାଇଁ, ସଂଗ୍ରାମ ରଣାଙ୍କ ସହ ଅନେକ ସାମ୍ବାଦିକଙ୍କୁ ଉତ୍ତରୀୟ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## କାଞ୍ଚଣଶିଖରୀ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଠାରେ ନନ୍ଦିଘୋଷ ରଥଚକା ପ୍ରତିଷ୍ଠାର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ

# SOCIAL WORK

## କାଙ୍କଡକୁଦାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅବସ୍ଥାନର ସ୍ମାରକୀ ଭୂମିପୂଜା

ଚିଲିକା, ୨୫।୬ (ଡି.ଏନ.ଏ.)– ନଇରୀ ନିକଟସ୍ଥ ଚିଲିକା ମଧ୍ୟରେ ଥିବା କାଙ୍କଡକୁଦାଠାରେ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ଅବସ୍ଥାନର ସ୍ମାରକୀ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି ।

ଫିରିଙ୍ଗି ଆକ୍ରମଣରୁ ରକ୍ଷା ପାଇଁ ୧୭୩୧ – ୧୭୩୨ ମସିହାରେ ପୁରୀରୁ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ତଥା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପଣ୍ଡା ପରିଛାମାନେ ଆଣି ଚିଲିକା ମଧ୍ୟରେ ଥିବା ଛୋଟ ଦ୍ୱୀପ କାଙ୍କଡକୁଦାଠାରେ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ । ନଇରୀର ଆରାଧ୍ୟ ଠାକୁର ହରିହରଦେବଙ୍କ ମନ୍ଦିର ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତି ଦୀର୍ଘଦିନ ଧରି ଅବସ୍ଥାନ କରିଥିଲେ । ସେଠାରେ ଥିବା ୪ଟି ରଜକପଥର ଏବେ ବି ଏହି ସ୍ମୃତିକୁ ଉଜ୍ଜୀବିତ କରି ରଖିଛି । ଏହି ଅବସରରେ ନଇରୀ ଗ୍ରାମବାସୀ ଡ. ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପ୍ରଭୁଙ୍କ ସ୍ମାରକୀ ସ୍ଥାପନ ପାଇଁ କାଙ୍କଡକୁଦାଠାରେ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁମାନେ [illegible] ସହ ହରିହରଦେବଙ୍କ ପାଟଣ୍ଡୁ ବାହାରି ଗ୍ରାମ ପରିକ୍ରମା କରି ଚିଲିକା ଉପକୂଳର ଗଙ୍ଗାଯମୁନା ଘାଟରୁ ଡଙ୍ଗାରେ ଯାଇ କାଙ୍କଡକୁଦାରେ ପହଞ୍ଚିଥିଲେ । ଏଠାରେ [illegible] ଅନୁଯାୟୀ ପ୍ରଭୁଙ୍କ ସ୍ମାରକୀ ସ୍ଥାପନ ପାଇଁ [illegible] । ସେଠାରେ ଏକ ମଣ୍ଡପ ନିର୍ମାଣ ହେବ ବୋଲି ଜଣାପଡ଼ିଛି । ଭୂମିପୂଜା କାର୍ଯ୍ୟକ୍ରମରେ ନାରାୟଣ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ଲକ୍ଷ୍ମୀଧର ପାଢ଼ୀ, ପ୍ରଦୋଷ ଦାସ, ରବୀନ୍ଦ୍ର ନାଥ ସ୍ୱାଇଁଙ୍କ ସମେତ ବହୁ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁ ଯୋଗଦେଇ କରିଥିଲେ । ଏଥିପାଇଁ ଚିଲିକା ବ୍ଲକର ନଇରୀ ଗ୍ରାମ ସହିତ ଆଖପାଖ ଗ୍ରାମମାନଙ୍କରୁ ଶହ ଶହ ଶ୍ରଦ୍ଧାଳୁଙ୍କର ଭିଡ ହୋଇଥିଲା ।



ଚତୁର୍ଦ୍ଧା ମୂର୍ତ୍ତିଙ୍କ ସ୍ମାରକୀ ପାଇଁ ପୂଜାର୍ଚ୍ଚନା କରାଯାଉଛି ।

## ନନ୍ଦିଘୋଷ ଚକ ସ୍ଥାପନ ବର୍ଷ ପୂର୍ତ୍ତି ଉତ୍ସବ



ଚିଲିକା (ଅପ୍ର): ଚିଲିକା ମଧ୍ୟସ୍ଥ ଶ୍ରୀଜଗନ୍ନାଥ ସ୍ମୃତି ଐତିହ୍ୟ [illegible] ନନ୍ଦିଘୋଷ ଚକ ସ୍ଥାପନର ୧ବର୍ଷ ପୂର୍ତ୍ତି ଉତ୍ସବ [illegible] ଅନୁଷ୍ଠିତ ହୋଇଯାଇଛି । ଚିଲିକା [illegible] ଡ. ସୁଶାନ୍ତ କୁମାର ସାହୁ [illegible] ଶ୍ରୀଜଗନ୍ନାଥ ଐତିହ୍ୟ [illegible] ଆୟୋଜିତ ଏହି ଉତ୍ସବରେ [illegible] ୧୭୩୧ ଓ ୧୭୩୨ ଖ୍ରୀଷ୍ଟାବ୍ଦରେ [illegible] ଚତୁର୍ଦ୍ଧା ମୂର୍ତ୍ତିଙ୍କୁ [illegible] ଚିଲିକା ମଧ୍ୟକୁ [illegible] ପୂଜାର୍ଚ୍ଚନା କରିଥିଲେ । [illegible] ୨୦୧୨ ଖ୍ରୀଷ୍ଟାବ୍ଦରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଏକ ଚକ [illegible] ସ୍ଥାପନ କରାଯାଇଥିଲା । ତାହା ଏବେ ପୂଜା ପାଉଅଛି । ଏହିବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଶ୍ରୀଜଗନ୍ନାଥ ଐତିହ୍ୟ [illegible] ସାଂସ୍କୃତିକ ପ୍ରତିଯୋଗିତା [illegible] ଅନୁଷ୍ଠିତ ହୋଇଥିଲା । [illegible] ସହଯୋଗ କରିଥିଲେ । ଏହି ଅବସରରେ ଭଜନ ଓ ସଂକୀର୍ତ୍ତନ ପରିବେଷଣ ଓ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା । କାର୍ଯ୍ୟକ୍ରମ ସଂଯୋଜନରେ ନଇରୀ ଗ୍ରାମବାସୀ ସହଯୋଗ କରିଥିଲେ ।

## ବାବା ବାଲୁକେଶ୍ୱର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଜଟଣୀ ବିଜୟୀ

[illegible], ୧୨।୩ (ଅପ୍ର): ଚିଲିକା ବ୍ଲକ ବାଲିଆ ସ୍ଥିତ ବାବା ବାଲୁକେଶ୍ୱର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ୪ର୍ଥ ଲିଗ୍ ମ୍ୟାଚରେ ଜଟଣୀ ଏ କ୍ରିକେଟରେ ମଦନପୁର କ୍ରିକେଟ କ୍ଲବକୁ ପରାସ୍ତ କରି ବିଜୟୀ ହୋଇଛି । ଆଜିର ମ୍ୟାଚରେ ବ୍ରହ୍ମଗିରି ବିଧାୟକ ଡ. [illegible], ଚିଲିକା ବିଧାୟକ ଡ. ବିଭୂତିଭୂଷଣ ହରିଚନ୍ଦନ, ସମାଜସେବୀ ସୁଶାନ୍ତ କୁମାର ସାହୁ ଅତିଥିରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ବାବା ବାଲୁକେଶ୍ୱର କ୍ଲବର ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



5-C-13

# SOCIAL WORK

ଏକାମ୍ର ପୁସ୍ତକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ‘ଶ୍ରୀଜଗନ୍ନାଥ ଓଡ଼ିଆଙ୍କ ପ୍ରାଣକେନ୍ଦ୍ର’

## ମୁଗ୍ଧ କଲା ଦିବ୍ୟାଙ୍ଗ ଶିଳ୍ପୀଙ୍କ କଣ୍ଠରେ ବଡ଼ଠାକୁରଙ୍କ ଭଜନ





# ଜାତୀୟ ସଂହତି ଓ ଶ୍ରୀଜଗନ୍ନାଥ ଆଲୋଚନାଚକ୍ର

# ‘ବିଶ୍ୱ ସଂହତିର ଅନ୍ୟ ନାମ ଶ୍ରୀଜଗନ୍ନାଥ’



ବିଦ୍ୟୁତ୍ ସଂଯୋଗ ହୋଇପାରୁନି

# ନିର୍ମାଣ ଦିନରୁ ତରାପି ଜଳ ପ୍ରକଳ୍ପ ଅଚଳ

## ଗ୍ରାମବାସୀଙ୍କ ଧାରଣା ଆଜି



# WITH YOUTH MASS

ସମ୍ବାଦ 22 ବୁଧବାର, ୯ ନଭେମ୍ବର ୨୦୧୬, ଭୁବନେଶ୍ୱର

ଖୋର୍ଦ୍ଧା ଜିଲ୍ଲା

## ବାବାପ୍ରତାପେଶ୍ୱର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ







## ରାତ୍ରିକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ






# WITH YOUTH MASS

## ମା' ରାମଚଣ୍ଡୀ କ୍ରିକେଟ୍
## ଫାଇନାଲରେ ବେଗୁନିଆ



ନାଚୁଣୀ, ୧୭।୨(ଇମିସ): ଚିଲିକା ବ୍ଲକର ହରିପୁର ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜକ ହରିପୁରର ମା' ରାମଚଣ୍ଡୀ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ମା' ରାମଚଣ୍ଡୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଲେଭେନ୍ କ୍ରିକେଟ୍ ଷ୍ଟାର, ସୋରଣକୁ ୧ ରନରେ ପରାସ୍ତ କରି ଏମୟୁସିସି, ବେଗୁନିଆ ଦଳ ଫାଇନାଲକୁ ଉନ୍ନୀତ ହୋଇଛି। ଆଜିର ଖେଳକୁ ଅଜୟ ସ୍ୱାଇଁ ଓ ସୁଶାନ୍ତ ଜେନା ପରିଚାଳନା କରିଥିଲେ। ଲଳିତ ମୋହନ ପଟ୍ଟନାୟକ, ଚିଲିକା ଆଞ୍ଚଳିକ ବିକାଶ ପରିଷଦର ସଭାପତି ଡ. ସୁଶାନ୍ତ ସାହୁ, ସଂପାଦକ ଗୋଦାବରୀଶ ବିଶ୍ୱାଳ, ସାମ୍ବାଦିକ ପ୍ରଦୋଷ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ରଘୁନାଥ ଦେବ କ୍ରିକେଟ୍ କ୍ଲବ ହରିପୁରକୁ ୭ ୱିକେଟ୍‌ରେ ହରାଇ ମହାବୀର କ୍ରିକେଟ କ୍ଲବ, ହନୁମନ୍ତ ଫାଇନାଲରେ ପ୍ରବେଶ କରିଥିଲା।









## ନାଚୁଣୀ

ନାଚୁଣୀ, ୧୬।୮ (ଇମିସ): ଚିଲିକା ବ୍ଲକ୍ ତଥା ନାଚୁଣୀର ବିଭିନ୍ନ ସ୍ଥାନରେ ଦେଶର ସ୍ୱାଧୀନତା ଦିବସ ପାଳନ ଅବସରରେ ଜାତୀୟ ପତାକା ଉତ୍ତୋଳନ ସହ ସହିଦ ସଂଗ୍ରାମୀ ବୀରଙ୍କ ସ୍ମୃତିଚାରଣ କରାଯାଇଛି। ଚିଲିକା ତହସିଲ୍‌ରେ ଅତିରିକ୍ତ ତହସିଲ୍‌ଦାର ପୃଥ୍ୱୀରାଜ ମଣ୍ଡଳ, ଚିଲିକା ଓକିଲ ସଂଘର ସଭାପତି ହରେକୃଷ୍ଣ ଜଗଦେବ, ନାଚୁଣୀ କଲେଜର ଅଧ୍ୟକ୍ଷ ଭବାନୀ ପ୍ରସାଦ ପଟ୍ଟନାୟକ, ନାଚୁଣୀ ଗୋଦାବରୀଶ ମିଶ୍ର ସ୍କୁଲର ପ୍ରଧାନଶିକ୍ଷ ବସନ୍ତ କୁମାର, ନାଚୁଣୀ ପୁଲିସ ଫାଣ୍ଡିର ଫାଣ୍ଡି ଅଧିକାରୀ ଅକ୍ଷୟ ଭଞ୍ଜ, ନାଚୁଣୀ ପଞ୍ଚାୟତରେ ଅଶ୍ୱିନୀ ମହାପାତ୍ର, ନାଚୁଣୀ ଶ୍ରୀରାମଚନ୍ଦ୍ର ଦେବ ଯୁବକ ସଂଘ ଓ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯଦୁମଣି ବେହେରା, ବଡ଼ପଦର ପ୍ରାଥମିକ ବିଦ୍ୟାଳୟର କାଦମ୍ବିନୀ ଦାଶ, 'ଆବାହନ' ସ୍ମୃତି କାର୍ଯ୍ୟାଳୟର ସମ୍ପାଦକ ନୀଳଲୋହିତ ହରିଚନ୍ଦନ, ରତନପୁରର କଳିଙ୍ଗ କନ୍ୟା ପାଇକ ଆଖଡ଼ା ସଂଘ ପକ୍ଷରୁ ଚିଲିକା ଜଳରାଣି ମଧ୍ୟସ୍ଥ ନିମିନାସିଠାରେ ଭାସମାନ ଡଙ୍ଗାରେ କଳିଙ୍ଗ କନ୍ୟାମାନେ, ବଡ଼ପଦରସ୍ଥିତ ଜୟଶ୍ରୀ ଜଗନ୍ନାଥ ଦେ ଯୁବକ ସଂଘର ପାଣ୍ଡବ ବରାଳ, ଚିଲିକା ବ୍ଲକର ହରିପୁରସ୍ଥିତ ଲକ୍ଷ୍ମୀଧର ବଦ୍ୟାପୀଠର ପ୍ରଧାନଶିକ୍ଷକ ଶ୍ରୀହର୍ଷ ମିଶ୍ର, ପ୍ରାଥମିକ ସ୍କୁଲ୍‌ର ଲଳିତ ମୋହନ ପଟ୍ଟନାୟକ, ନାଚୁଣୀର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆହ୍ୱାନ' ଓ ମାସିକ ସମ୍ବାଦପତ୍ର କାର୍ଯ୍ୟାଳୟର ସମ୍ପାଦକ ପ୍ରଦୋଷ କୁମାର ଦାସ, ହରିପୁର ପଞ୍ଚାୟତ ସରପଞ୍ଚ ପଠାଣି ସ୍ୱାଇଁ, ଚିଲିକା ଆଞ୍ଚଳିକ ବିକାଶ ପରିଷଦର ସଭାପତି ଡ. ସୁଶାନ୍ତ କୁମାର ସାହୁ ଜାତୀୟ ପତାକା ତୋଳନ କରି ଉଦ୍‌ବୋଧନ ଦେଇଥିଲେ।

# IN NEWS

## ଚିଲିକାରେ ଗଢ଼ିଲା ନନ୍ଦିଘୋଷ





## 'ଲୀଳା ରାମାୟଣ' ଉନ୍ମୋଚିତ

## ଜାତୀୟନୃତ୍ୟ ଓ ସଙ୍ଗୀତ ମହୋତ୍ସବ



## କାଙ୍କଣ ଶିଖରୀକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି

## ପୁରୁଷୋତ୍ତମ ମାସ ମହାତ୍ମ୍ୟ ଆଲୋଚନା






## ଗାଁ ଲୋକକଳା ଉତ୍ସବ ପଡିଲା ସମ୍ମାନ



## ଗଜପତି ମହାରାଜାଙ୍କ ଦ୍ୱାରା ଉଦ୍‌ଘାଟିତ



## ଗଜପତି ମହାରାଜଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଘାଟିତ

# IN NEWS



ଶ୍ରୀଜଗନ୍ନାଥ ମହୋତ୍ସବ ପ୍ରାରମ୍ଭ



ସମାଜ The Samaja

ଶ୍ରୀଜଗନ୍ନାଥ ମହୋତ୍ସବ :ଛପନ ଭୋଗ ପ୍ରଦର୍ଶନୀ



ନଇରୀରେ ଶ୍ରୀଜଗନ୍ନାଥ ମହୋତ୍ସବ ଆରମ୍ଭ

ଗଜପତି ମହାରାଜାଙ୍କ ଦ୍ୱାରା ଉଦ୍‌ଘାଟିତ



କାଙ୍କଣ ଶିଖରୀ ଚିଲିକାରେ ରଥଯାତ୍ରା



କାଙ୍କଣଶିଖରୀରେ ଶ୍ରୀଜଗନ୍ନାଥ ଐତିହ୍ୟ ସମ୍ମିଳନୀ



ଗଜପତି ମହାରାଜାଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଘାଟିତ



କାଙ୍କଣ ଶିଖରୀକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦାବି



ଗାଁ ଲୋକକଳା ଉତ୍ସବ ପ୍ରତିଭା ସମ୍ମାନ



ପର୍ଯ୍ୟଟନ ମାନ୍ୟତା ପାଇଁ ଦାବି ଜୋର ଧରିଲା

ମହୋତ୍ସବ ପାଇଁ ଭୂମିପୂଜା



ନଇରୀରେ ଶ୍ରୀଜଗନ୍ନାଥ ମହୋତ୍ସବ ଆରମ୍ଭ



# PUBLIC SPEAKING











# AS GUEST










# AS GUEST









# AS GUEST

## ବକ୍ସି ଜଗବନ୍ଧୁଙ୍କ ୧୯୧ତମ ଶ୍ରାଦ୍ଧଦିବସ











sambadepaper.com

## ଜାତୀୟ ନୃତ୍ୟ ଓ ସଂଗୀତ ମହୋତ୍ସବ



## ଆମ୍ବେଦକର ଜୟନ୍ତୀ ପାଳିତ



# WITH DELEGATES













# WITH DELEGATES








# WITH DELEGATES
















# ORGANIZED PUBLIC MEETING









# ORGANIZED PUBLIC MEETING













# ORGANIZED GRAND FESTIVAL



GUNDICHA MAHOTSAV-2015



GUNDICHA MAHOTSAV-2016

# SRI JAGANNATHA MAHOTSAV



ଶ୍ରୀଜଗନ୍ନାଥ ମହୋତ୍ସବ ପ୍ରାରମ୍ଭ










# Chief Editor



# NEWS PUBLICATION

ପ୍ରମେୟ

## || ଧର୍ମ ||

୭

**ଡ. ସୁଶାନ୍ତ କୁମାର ସାହୁ**



### ଲୀଳାକ୍ଷେତ୍ର ନଈରୀ







### କାଙ୍କଣଶିଖରୀ

ଜଗନ୍ନାଥ ସଂସ୍କୃତିରେ ଲୀଳାକ୍ଷେତ୍ର ନଈରୀ ଏବଂ ଲୀଳାକ୍ଷେତ୍ର କାଙ୍କଣ ଶିଖରୀର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ବଡ଼ଠାକୁର ବଳଭଦ୍ର, ମା' ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥଙ୍କୁ ଏହିଠାରେ ସୁରକ୍ଷିତ ଭାବରେ ଏବଂ ଗୋପନରେ ରଖାଯାଇଥିଲା। ଯାହା ପବିତ୍ର ମାଦଳା ପାଞ୍ଜିରେ ବର୍ଣ୍ଣନା ହୋଇଛି। ସେହି ବିଷୟରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସୁଶାନ୍ତ କୁମାର ସାହୁ ଆମକୁ ଯାହା କହିଛନ୍ତି...

# ଶ୍ରୀଜଗନ୍ନାଥଙ୍କର ଲୀଳାକ୍ଷେତ୍ର ନଈରୀ ଓ କାଙ୍କଣ ଶିଖରୀ

### ବର୍ତ୍ତମାନର ସ୍ଥିତି

### ପର୍ଯ୍ୟଟନ ଦୃଷ୍ଟିକୋଣରୁ ମଧ୍ୟ ଏହି କ୍ଷେତ୍ର ଅନନ୍ୟ

# PRESS INTERVIEW



## କାଙ୍କଣ ଶିଖରୀ ଆତ୍ମବିଶ୍ୱାସ ଏବଂ ଜଗନ୍ନାଥଙ୍କ ପ୍ରତି ଗଭୀର ଭକ୍ତିର ସଂଗମ ସ୍ଥଳ

କଥାରେ ନୁହେଁ ; କାମରେ ବିଶ୍ୱାସ ରଖୁଥିବା ଏହି ନିଆରା ନୀରବସ ବ୍ୟକ୍ତିତ୍ୱ ଜଣକ ହେଉଛନ୍ତି ଡ଼. ସୁଶାନ୍ତ କୁମାର ସାହୁ। ଦୁର୍ଲଭ ମାନବ ଜୀବନର ସଫଳତାର ବାର୍ତ୍ତା ବାଣ୍ଟୁଥିବା ଏହି ବ୍ୟକ୍ତି ଜଣକ ବୃତ୍ତିରେ ଜଣେ ଉଚ୍ଚ ଶିକ୍ଷାପ୍ରାପ୍ତ ସାମୁଦ୍ରିକ ବିଜ୍ଞାନୀ, କିନ୍ତୁ ଚିନ୍ତା ଓ ଚେତନାରେ ଭରି ରହିଛି ତାଙ୍କ ମନରେ ଅହେତୁକ ଈଶ୍ୱର ପ୍ରେମ। ଦୀର୍ଘ ଦିନ ଧରି ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଥିବା ଡ଼. ସାହୁଙ୍କ ମୁଖ୍ୟ ଲକ୍ଷ୍ୟ ହେଉଛି ଜଗନ୍ନାଥଙ୍କର ଗୋପନ ଲୀଳାକ୍ଷେତ୍ର ଗୁଡ଼ିକର ଲଗାତାର ଉନ୍ନତି ଓ ବିକାଶ। ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ନିକଟ ଚିଲିକା ମଧ୍ୟସ୍ଥ ଶ୍ରୀଜଗନ୍ନାଥଙ୍କ ଗୋପନ ଲୀଳାକ୍ଷେତ୍ର କାଙ୍କଣ ଶିଖରୀ ଲୀଳାକ୍ଷେତ୍ରକୁ ଲୋକଲୋଚନକୁ ଆଣିବା ଏବଂ ଏହି ପୀଠର ଉନ୍ନତି କରିବା ଦିଗରେ ଡ଼. ସାହୁଙ୍କର ଉଦ୍ୟମ ବେଶ୍ ପ୍ରଶଂସନୀୟ। ଏହିଭଳି ଭଗବତ୍ ଚିନ୍ତନରେ ବିଶ୍ୱାସ ରଖୁଥିବା ଡ଼. ସୁଶାନ୍ତ କୁମାର ସାହୁ ଭୁବନେଶ୍ୱର ସ୍ଥିତ ରିଜିଓନାଲ୍ ରିସର୍ଚ୍ଚ ଲାବୋରେଟୋରୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି। ଜଗନ୍ନାଥ ସଂସ୍କୃତି ସମ୍ମାନ, ଶ୍ରୀଜଗନ୍ନାଥ ଚେତନା ସମ୍ମାନ, ଶ୍ରୀଲୀଳାକ୍ଷେତ୍ର ସମ୍ମାନ, ଶ୍ରୀଲୀଳାକ୍ଷେତ୍ର ସୁରକ୍ଷା ସମ୍ମାନ, ପବିତ୍ର ସ୍ଥାନ ସମ୍ମାନ, ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ପ୍ରଚାରକ ସମ୍ମାନ ଆଦି ଏହି ସାରସ୍ୱତ ସାଧକ ଡ଼. ସୁଶାନ୍ତ କୁମାର ସାହୁ କୃତିତ୍ୱର ଅଧିକାରୀ ହୋଇପାରିଛନ୍ତି।

ଏହି ଅବସରରେ 'ସମୀକ୍ଷା' ପ୍ରତିନିଧି ଅଞ୍ଜନ କୁମାର ଭଞ୍ଜଙ୍କ ସହ ଡ଼. ସୁଶାନ୍ତ ସାହୁଙ୍କର ଏକ ଅନ୍ତରଙ୍ଗ ବାର୍ତ୍ତାଳାପ।



ସମୀକ୍ଷା - [illegible]

ଡ଼. ସୁଶାନ୍ତ - ଚିଲିକା ମଧ୍ୟସ୍ଥ ଏକ ୨୨ ଏକର ପରିମିତ ସ୍ଥାନ। ଏହାର ବୈଶିଷ୍ଟ୍ୟ ହେଲା ୧୭୩୧ ମସିହାରେ ପୁରୀରୁ ଚତୁର୍ଦ୍ଧା ମୂର୍ତ୍ତି ମୋଗଲମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଶ୍ରୀଜିଉ ମାନଙ୍କୁ କାଙ୍କଣ ଶିଖରୀକୁ ଅଣାଯାଇଥିଲା। ମାଦଳା ପାଞ୍ଜି ବର୍ଣ୍ଣିତ ଇତିହାସ ଅନୁଯାୟୀ ମୋଗଲମାନେ ଶ୍ରୀଜିଉଙ୍କୁ ୧୮ ଥର ଆକ୍ରମଣ କରିଥିଲେ। ଶ୍ରୀଜିଉ ୨୨ ଥରରୁ ଊର୍ଦ୍ଧ ରତ୍ନସିଂହାସନରୁ ସ୍ଥାନାନ୍ତରିତ ହୋଇଥିଲେ। ଶ୍ରୀଜିଉ ମାନେ କାଙ୍କଣ ଶିଖରୀରେ ଅବସ୍ଥାନ ସମୟରେ କାଙ୍କଣ ଫଳକୁ ନୈବେଦ୍ୟ ରୂପେ ଗ୍ରହଣ କରୁଥିଲେ। ସେହିଦିନ ଠାରୁ ଏହି କ୍ଷେତ୍ରରୁ କ୍ରମାଗତ କାଙ୍କଣ ଫଳ ଶ୍ରୀମନ୍ଦିରକୁ ପ୍ରେରଣ କରାଯାଏ।

ସମୀକ୍ଷା - [illegible]

ଡ଼. ସୁଶାନ୍ତ - ୨୦୦୮ ମସିହାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଗୋଟିଏ କମିଟି ଶ୍ରୀ ଜଗନ୍ନାଥଙ୍କର ସମସ୍ତ ଲୀଳାକ୍ଷେତ୍ରକୁ ପରିଦର୍ଶନରେ ଆସିଥିଲେ। ମାଦଳା ପାଞ୍ଜି ଅନୁସାରେ ସମସ୍ତ ତଥ୍ୟ ଭିତ୍ତିକ ପ୍ରମାଣ ଏହି କ୍ଷେତ୍ରରେ ମିଳିଥିବାରୁ ଏହି କ୍ଷେତ୍ରକୁ ଲୀଳା କ୍ଷେତ୍ରର ମାନ୍ୟତା ଦେଇଥିଲା। କିନ୍ତୁ ଏହାର ପ୍ରଚାରପ୍ରସାର ପାଇଁ କୌଣସି ପ୍ରଚେଷ୍ଟା କରାଯାଇନଥିଲା। ୨୦୧୫ ମସିହାରେ କଇଲୀ ଗ୍ରାମବାସୀ ମାନଙ୍କ ସହଯୋଗରୁ ପ୍ରଚାରଧାରା କରାଯାଇଥିଲା।

ସମୀକ୍ଷା - [illegible]

ଡ଼. ସୁଶାନ୍ତ - ଜଗନ୍ନାଥ ସଂସ୍କୃତି କହିଲେ ଓଡ଼ିଆ ଜାତିର ପ୍ରତିଟି କାର୍ଯ୍ୟ ଆଚାର ବ୍ୟବହାର ଚାଲିଚଳନ ଭାବଧାରା। ଏହିସବୁ ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ। ସେପରିକି ଅନେକ ବୈଶିଷ୍ଟ୍ୟ ଭିତରୁ ମହାପ୍ରଭୁଙ୍କର ଘୋଷଯାତ୍ରା ଏକ ବିରାଟ ପ୍ରେରଣା ଦେଇଥାଏ। ଏହି କ୍ଷେତ୍ରରେ ମହାପ୍ରଭୁ ସେପରି ଜନ୍ମସ୍ଥାନକୁ ଗୁଣ୍ଡିଚା ମନ୍ଦିରକୁ ଆସିଥାନ୍ତି। ତାହା ଆମର ଜନ୍ମମାଟି ଭଲ ପାଇବାର ପ୍ରତୀକ। ସବୁ ଧର୍ମର ଲୋକମାନଙ୍କୁ ଦର୍ଶନ ଦେବା ତାହା ଆମର ସର୍ବଧର୍ମ ସମନ୍ୱୟର ପ୍ରତୀକ।

ସମୀକ୍ଷା - [illegible]

ଡ଼. ସୁଶାନ୍ତ - ଲୀଳାକ୍ଷେତ୍ର କାଙ୍କଣ ଶିଖରୀ ହେଉଛି ଲୋକଙ୍କର ଆତ୍ମବିଶ୍ୱାସ ଏବଂ ଜଗନ୍ନାଥଙ୍କ ପ୍ରତି ଗଭୀର ଭକ୍ତିର ଏକ ସଂଗମ ସ୍ଥଳ। ବହୁତ ଅଭାବରେ ରହୁଥିବା ଏହାର ପାରିପାର୍ଶ୍ୱିକ ଅଞ୍ଚଳ ଆଂଚଳିକ ଆଦିବାସୀ ମାନେ ଭକ୍ତି ପୂର୍ବକ ଅତି କମ୍ ସମୟ ମଧ୍ୟରେ ଏହାକୁ ଏକ ଚିତ୍ରିତ ଲୀଳାକ୍ଷେତ୍ରରେ ପରିଣତ କରିବା ଏବଂ ଉଦ୍ୟମ ଜାରି ରଖିବା ତଥା ପ୍ରାକୃତିକ ସୌନ୍ଦର୍ଯ୍ୟର ପରିପୂର୍ଣ୍ଣ କ୍ଷେତ୍ରରେ ମୁକ୍ତ ହୋଇ ପଡ଼ିଥିବା ମୂଲ୍ୟବାନ ପଦାର୍ଥକୁ ଶ୍ରୀଜଗନ୍ନାଥଙ୍କ ପଦାର୍ଥ ବୋଲି ଭାବି ହାତ ନଲାଗିବା, ନିଷ୍ଠାର ସହିତ ମହାପ୍ରଭୁଙ୍କର ରୀତିନୀତି କରିବା ହେଉଛି ତାଙ୍କ ଅନ୍ତର ଭିତରେ ଜଗନ୍ନାଥଙ୍କ ପ୍ରତି ବିଶ୍ୱାସର ଅବଲୋକପାତ୍ର।


ସମୀକ୍ଷା - [illegible]

ଡ଼. ସୁଶାନ୍ତ - କେବଳ ମୁଁ ନୁହେଁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଆକୃଷ୍ଟ କରିଥାନ୍ତି। ମୋତେ ମହାପ୍ରଭୁଙ୍କ କରୁଣାରୁ କିଛି ସେବା କରିବାକୁ ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ଜଗନ୍ନାଥ ହେଉଛନ୍ତି ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ। ଯେହେତୁ ତାଙ୍କର ଲୀଳାକ୍ଷେତ୍ରରେ ମୁଁ ଜନ୍ମ ଗ୍ରହଣ କରିଛି ତେଣୁ ଆମ ଅଂଚଳରେ ଥିବା ଏହି ବିରାଟ ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର କରିବା ମୋର ପରମ କର୍ତ୍ତବ୍ୟ ଓ ପରମ ସୌଭାଗ୍ୟ ବୋଲି ମନେକରେ।

ସମୀକ୍ଷା - [illegible]

ଡ଼. ସୁଶାନ୍ତ - ଯଦିଓ ଏହି କ୍ଷେତ୍ର ଚିଲିକା ମଧ୍ୟସ୍ଥ ଏକ ପ୍ରାକୃତିକ ସୁନ୍ଦର ଓ ମନୋରମ ସ୍ଥାନ। ତେଣୁ ଏହି କ୍ଷେତ୍ରକୁ ଯଦି ପର୍ଯ୍ୟଟନ ମାନ୍ୟତା ଦେଇ ଏହାର ବିକାଶ କରାଯାଇପାରନ୍ତା ତେବେ ଶ୍ରୀଜଗନ୍ନାଥଙ୍କର ଭକ୍ତମାନେ ମହାପ୍ରଭୁଙ୍କର ଏହି ସଂସ୍କୃତି ବିଷୟରେ ଜାଣିବା ସହିତ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବି ଉପଭୋଗ କରିପାରନ୍ତେ। ଯାହା ଦ୍ୱାରା ଏହି ଅଂଚଳରେ ହଜାର ହଜାର ବୁଢ଼ୀପିଢ଼ି ମାନଙ୍କର ରୋଜଗାର କ୍ଷମତା ବଢ଼ିପାରନ୍ତା। ସର୍ବୋପରି ଆମର ଏହି ଜଗନ୍ନାଥ ସଂସ୍କୃତି ଏକ ବିରାଟ ଗ୍ରାମାଂଚଳର ଆଂଚଳିକ ବ୍ୟବସ୍ଥାକୁ ନିଶ୍ଚିତ ରୂପେ ସୁଦୃଢ଼ କରିପାରନ୍ତା।

# AWARDS HONOURED















# AWARDS HONOURED



# AWARDS HONOURED



ଚନ୍ଦ୍ରଶେଖରପୁର ମହୋତ୍ସବ
୨୦୧୯
ଭୁବନେଶ୍ୱର

ମହାଶୟା/ମହାଶୟ ...

ଗୌରବାବହ ଓଡ଼ିଶା ସଂସ୍କୃତି ପରମ୍ପରାର ଆପଣ ଜଣେ ନିଷ୍ଠାପର ସାଧକ । ଆପଣଙ୍କର ସାଧନା ଏହି ମହାନ ସଂସ୍କୃତିକୁ ସମୃଦ୍ଧ କରିବାରେ ସାହାଯ୍ୟ କରିଛି । ଚନ୍ଦ୍ରଶେଖରପୁର ମହୋତ୍ସବ-୨୦୧୯ ଅବସରରେ ଆପଣଙ୍କର ସାହାଯ୍ୟ ଓ ସହଯୋଗ ମହୋତ୍ସବର ସଫଳତାକୁ ବହୁଗୁଣିତ କରିଛି ।

ଆପଣଙ୍କର ଶାଶ୍ୱତ ସାଧନା ଚିରନ୍ତନ ହେଉ । ଏହି ଅବସରରେ ଚନ୍ଦ୍ରଶେଖରପୁର ମହୋତ୍ସବ କମିଟି ଆପଣଙ୍କୁ ଚନ୍ଦ୍ରଶେଖରପୁର ଗୌରବ ଭାବରେ ସମ୍ମାନିତ କରି ନିଜକୁ ଧନ୍ୟମନେ କରୁଛି ।


ଚନ୍ଦ୍ରଶେଖରପୁର ମହୋତ୍ସବ କମିଟି







# DOCUMENTARY



# QUALIFICATION

No. BU01292 Notification [redacted] No. 6036/31.01.1998

# Berhampur University

This is to certify that

*Susant Kumar Sahoo*

having passed the examination for the degree of

## Doctor of Philosophy

in the faculty of

Science

(Marine Science)

on the thesis

*"A Study of Eutrophication of Chilika"*

held in the month of *January 1998*

was this day admitted to the degree.

Vice-Chancellor

Bhanja Bihar
Berhampur-760007(Odisha)

Date: 16 JAN 2016

DA SO

# QUALIFICATION

No. A04155

Roll No. 120691

# Berhampur University

This is to certify that

*Susant Kumar Sahoo*

of *Post Graduate Department of Marine Science*

who passed the examination with

*First Class*

for the degree of

**Master of Science in Oceanography**

held in the month of *July 1992*

was this day admitted to the degree.

Bhanja Bihar
Berhampur-760007(Odisha)

Date: 15 DEC 2015

DA SO

Vice-Chancellor

# QUALIFICATION

Sl. No. 94 /TDC

Roll No. KB391564

## Berhampur University

HONOURS DIPLOMA FOR BACHELOR OF SCIENCE

This is to certify that

Susanta Kumar Sahoo

of K. S. U. B. College Bhanjanagar

who obtained First class honours in

Chemistry and passed the examination

for the degree of

**BACHELOR OF SCIENCE**

held in the month of April, 1990

was this day admitted to the degree.

Other Subjects of Examination:-

**Foundation Course**

1. English
2. M. I. L. ( Oriya )
3. ~ ~
4. ~ ~

**Applied/Ancillary Course**

1. Industrial Chemistry
2. ~ ~

**Core Course**

1. Mathematics
2. Physics

BERHAMPUR UNIVERSITY,
Berhampur
The ______ 19

Rabati Charan Das
Vice-Chancellor